# NATIONAL NEWS BULLETIN (ODIA)

**2 September - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀଠାରେ ଚାଲିଥିବା ଜଳଶକ୍ତି ମନ୍ତ୍ରଣାଳୟ ସମ୍ମିଳନୀର ଉଦ୍‌ଯାପନୀ ସମାରୋହକୁ ଆଜି ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ

- ସାହାଯ୍ୟ ଓ ଉଦ୍ଧାର ସାମଗ୍ରୀ ନେଇ ନେପାଳରେ ପହଞ୍ଚିଲା ପଞ୍ଚମ ଭାରତୀୟ ବିମାନ

–ବନ୍ୟାରେ ମୃତ୍ୟୁ ସଂଖ୍ୟା ୧ହଜାର ୧୧୪କୁ ବୃଦ୍ଧି

- ବିଶ୍ୱସ୍ତରୀୟ ଆହ୍ୱାନ ସତ୍ତ୍ୱେ ଭାରତର ଅର୍ଥନୈତିକ ପ୍ରଦର୍ଶନ ସୁଦୃଢ଼ ରହିଛି, କହିଲେ ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ

- ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରହିବା ଲାଗି ଛାତ୍ରଛାତ୍ରୀଙ୍କୁ ପରାମର୍ଶଦେଲେ ଉପରାଷ୍ଟ୍ରପତି

ଏବଂ

- ଚାଇନା ଓପନ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହେଲେ ଭାରତର କିଦାମ୍ବୀ ଶ୍ରୀକାନ୍ତ

---

## ପିଏମ୍‌-ଜଳ ଶକ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଜଳଶକ୍ତି ମନ୍ତ୍ରଣାଳୟର ବିଭାଗୀୟ ସମ୍ମିଳନୀର ଉଦ୍‌ଯାପନୀ ଅଧିବେଶନରେ ସମ୍ବୋଧନ

କରିବେ । ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ଦୁଇ ଦିନିଆ ସମ୍ମିଳନୀ ହେଉଛି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରିକଳ୍ପିତ ବିଭାଗ ସ୍ତରୀୟ ଶିଖର ସମ୍ମିଳନୀର ପ୍ରଥମ ପର୍ଯ୍ୟାୟ । ଟିମ୍ ଇଣ୍ଡିଆ ମନୋଭାବକୁ ସୁଦୃଢ଼ କରିବା, ସହଯୋଗୀ ସଂଘୀୟ ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ସହିତ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଘନିଷ୍ଠ ସହଯୋଗ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ସାମୂହିକ ଦାୟିତ୍ୱ ବୃଦ୍ଧି କରି ସମୟାନୁବର୍ତ୍ତୀ ସମାଧାନ କରିବା ହେଉଛି ଏହି ସମ୍ମିଳନୀର ଉଦ୍ଦେଶ୍ୟ । ଏହି ଶିଖର ସମ୍ମିଳନୀରେ ୪ଟି ପ୍ରମୁଖ କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯାଇଛି ।

ସେଗୁଡ଼ିକ ହେଲା – ଜଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ, ଜଳ ସଂଚୟ ଜନଭାଗିଦାରୀ – କ୍ୟାଚ୍ ଦ ରେନ୍, ପାନୀୟ ଜଳ ଉତ୍ସର ସ୍ଥାୟୀ ବ୍ୟବସ୍ଥା ଏବଂ ଜଳଜୀବନ ମିଶନ୍ ଟୁ ପଏଣ୍ଟ ଜିରୋ ଅଧୀନରେ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଯୋଜନାର ପରିଚାଳନା ଓ ରକ୍ଷଣାବେକ୍ଷଣ । ଆଜିର ଏହି ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରାଜନୈତିକ ନେତୃବୃନ୍ଦ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଏହିସବୁ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

---

# ନେପାଳ ଫ୍ଲଡ୍

ବନ୍ୟା ବିପର୍ଯ୍ୟସ୍ତ ନେପାଳକୁ ସାହାଯ୍ୟ ଓ ଉଦ୍ଧାର ସାମଗ୍ରୀ ନେଇ ପଞ୍ଚମ ଭାରତୀୟ ବିମାନ ଆଜି ପହଞ୍ଚିଛି । ଏହି ବିମାନରେ ସୁଡ଼ଙ୍ଗ ବିଶେଷଜ୍ଞଙ୍କ ସମେତ ୧୧ ଜଣିଆ ଉଦ୍ଧାରକାରୀ ଦଳ ଅଛନ୍ତି । ବିମାନରେ ୫ ଦଶମିକ ୫ ଟନ୍ ଜରୁରୀକାଳୀନ ଔଷଧ ମଧ୍ୟ ପଠାଯାଇଛି ବୋଲି ନେପାଳରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇଛନ୍ତି ।

ନେପାଳର ଜାତୀୟ ବିପର୍ଯ୍ୟୟ ପ୍ରଶମନ ହ୍ରାସ ଓ ପରିଚାଳନା ପ୍ରାଧିକରଣ ଅନୁଯାୟୀ, ବନ୍ୟାରେ ଭାସିଯାଇଥିବା ୧ ହଜାର ୧୧୪ଟି ମୃତଦେହ ଏପର୍ଯ୍ୟନ୍ତ ଉଦ୍ଧାର କରାଯାଇଛି । ଦକ୍ଷିଣ ଚିତ୍‌ୱାନ ଜିଲ୍ଲାରୁ ସବୁଠାରୁ ଅଧିକ ସଂଖ୍ୟକ ମୃତଦେହ ଉଦ୍ଧାର କରାଯାଇଛି । ଏପର୍ଯ୍ୟନ୍ତ ୯୪ଟି ମୃତଦେହ ଚିହ୍ନଟ କରାଯାଇ ସେମାନଙ୍କ ନିକଟ ସଂପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି । ସରକାରୀ କର୍ମଚାରୀ, ସୁରକ୍ଷା କର୍ମୀ, ନିର୍ବାଚିତ ପ୍ରତିନିଧି, ବିଦେଶୀ ପର୍ଯ୍ୟଟକମାନଙ୍କ ସହ ଥିବା ନେପାଳର ନାଗରିକ ଏବଂ ଜଳବିଦ୍ୟୁତ୍ ପ୍ରକଳ୍ପରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ମିଶାଇ ଅଦ୍ୟାବଧି ୪ ହଜାର ଲୋକ ବି ନିଖୋଜ ଅଛନ୍ତି ।

## ୱାର୍ଲଡ ବ୍ୟାଙ୍କ-ପ୍ରେସିଡେଣ୍ଟ

ଭାରତ ବର୍ତ୍ତମାନର ୭ରୁ ୮ ପ୍ରତିଶତ ଅଭିବୃଦ୍ଧି ହାରଠାରୁ ଅଧିକ ଆଗକୁ ବଢ଼ିବାର କ୍ଷମତା ରହିଛି ବୋଲି ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ଅଜୟ ବାଙ୍ଗା କହିଛନ୍ତି। ବିଶ୍ୱସ୍ତରୀୟ ଶକ୍ତିକ୍ଷେତ୍ର ସମ୍ମୁଖୀନ ହେଉଥିବା ଆହ୍ୱାନ, ବାଣିଜ୍ୟିକ ଅନିଶ୍ଚିତତା ଏବଂ ଏଲ୍.ନିନୋର ପ୍ରଭାବ ସତ୍ତ୍ୱେ ଭାରତର ସାଂପ୍ରତିକ ଅର୍ଥନୈତିକ ପ୍ରଦର୍ଶନ ସୁଦୃଢ଼ ରହିଥିବା ଶ୍ରୀ ବାଙ୍ଗା କହିଛନ୍ତି । ଆମେରିକାର ଉତ୍ତର କାରୋଲିନାର ଆଶ୍‌ଭିଲ୍‌ଠାରେ ଜି-୨୦ ଅର୍ଥମନ୍ତ୍ରୀମାନଙ୍କ ବୈଠକ ପୃଷ୍ଠଭୂମିରେ ଏକ ସାକ୍ଷାତକାରରେ ଶ୍ରୀ ବାଙ୍ଗା କହିଛନ୍ତି ସାଂପ୍ରତିକ ଅଭିବୃଦ୍ଧି ପରିସଂଖ୍ୟାନ, ଭାରତର ଅର୍ଥନୈତିକ ଶକ୍ତିକୁ ପ୍ରତିଫଳିତ କରୁଛି । ଭାରତ ସଡ଼କ, ପୋଲ, ବିମାନବନ୍ଦର, ବିଦ୍ୟୁତ୍, ଜଳ ଏବଂ ଡିଜିଟାଲାଇଜେସନ କ୍ଷେତ୍ରରେ ବ୍ୟାପକ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି ।

# ସୀତାରମଣ-ବାଇଲେଟରାଲ୍‌ସ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତକାଲି ଆମେରିକାର ଆଶ୍‌ଲିଭାଠାରେ ଜି-୨୦ ଅର୍ଥମନ୍ତ୍ରୀ ଏବଂ ସେଣ୍ଟ୍ରାଲ୍ ବ୍ୟାଙ୍କ ଗଭର୍ଣ୍ଣରମାନଙ୍କ ବୈଠକରେ ୟୁରୋପୀୟ ଅର୍ଥକମିଶନର ଭାଲ୍‌ଡିସ୍ ଡୋମ୍ବ୍ରୋଭସ୍କିସ୍‌ଙ୍କୁ ଭେଟିଛନ୍ତି । ଅର୍ଥମନ୍ତ୍ରଣାଳୟର ଏକ ବିବୃତ୍ତି ଅନୁଯାୟୀ, ଭାରତ-ଇୟୁ ମାକ୍ରୋ ଇକୋନମିକ୍ ଡାଏଲଗ୍ ଏବଂ ବାଣିଜ୍ୟ ଓ ପ୍ରଯୁକ୍ତିବିଦ୍ୟା ପରିଷଦ ଜରିଆରେ ଭାରତ-ଇୟୁ ଅର୍ଥନୈତିକ ଏବଂ ଆର୍ଥିକ ଭାଗିଦାରିକୁ ଅଧିକ ସୁଦୃଢ଼ କରିବା ଦିଗରେ ଦୁଇପକ୍ଷ ଆଲୋଚନା କରିଛନ୍ତି । ଉଭୟ ନେତା ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତି ସଂପର୍କରେ ମଧ୍ୟ କଥାବାର୍ତ୍ତା କରିଛନ୍ତି । ଭାରତ ଏବଂ ୟୁରୋପୀୟ ଷ୍ଟାର୍ଟଅପ୍‌ଗୁଡ଼ିକ ମଧ୍ୟରେ ଅଧିକ ସହଭାଗିତାକୁ ପ୍ରୋତ୍ସାହିତ କରିବା ସହ ଫିନ୍‌ଟେକ୍, କୃତ୍ରିମ ବୁଦ୍ଧିମତ୍ତା ଓ ଜେନେରେଟିଭ୍ ଏ.ଆଇ. କ୍ଷେତ୍ରରେ ଅଧିକ ସହଯୋଗ ପାଇଁ ସୁଯୋଗ ସୃଷ୍ଟି ନିମନ୍ତେ ଦୁଇ ନେତା ଆଶା ପ୍ରକଟ କରିଛନ୍ତି ।

ଏହି ଅବସରରେ ଶ୍ରୀମତୀ ସୀତାରମଣ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି-ଆଇଏମ୍‌ଏଫ୍‌ର ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜର୍ଜିଭାଙ୍କୁ ଭେଟିଛନ୍ତି । ଦୁଇ ନେତା ବିଶ୍ୱ ଅର୍ଥନୈତିକ ଦୃଶ୍ୟପଟ ଏବଂ ଭାରତର କ୍ରମବିକଶିତ ଅଭିବୃଦ୍ଧି ବିଷୟରେ ଆଲୋଚନା କରିଛନ୍ତି । ଏହି ଅବସରରେ ଶ୍ରୀମତୀ କ୍ରିଷ୍ଟାଲିନା ଭାରତର ସୁଦୃଢ଼ ଅର୍ଥନୈତିକ ପ୍ରଦର୍ଶନକୁ ସ୍ୱୀକାର କରିଛନ୍ତି ।

........................................................................

# ଭିପି-କନ୍‌ଭୋକେସନ

 ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଛାତ୍ରଛାତ୍ରୀମାନଙ୍କୁ ନିଶାଦ୍ରବ୍ୟ ସେବନ ନ କରିବାକୁ ପରାମର୍ଶ ଦେଇଛନ୍ତି । ଆଜି ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମ୍‌ସ ରାୟପୁରର ତୃତୀୟ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଶ୍ରୀ ରାଧାକ୍ରିଷ୍ଣନ ଏହା କହିଛନ୍ତି । ଛତିଶଗଡ଼କୁ ଏକ ନକ୍ସଲମୁକ୍ତ ରାଜ୍ୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ପ୍ରୟାସକୁ ସେ ଉଚ୍ଚ ପ୍ରଶଂସା କରିଛନ୍ତି । ଶ୍ରୀ ରାଧାକ୍ରିଷ୍ଣନ ସମସ୍ତ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ମେଧାବୀମାନଙ୍କୁ ସ୍ୱର୍ଣ୍ଣ ପଦକ ଓ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମରେ ଛତିଶଗଡ଼ ରାଜ୍ୟପାଳ ରମେନ୍ ଡେକା, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ, ଛତିଶଗଡ଼ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ୟାମ ବିହାରୀ ଜୟସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୟଶଙ୍କର-ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆସନ୍ତାକାଲିଠାରୁ ଶନିବାର ପର୍ଯ୍ୟନ୍ତ ୟୁକ୍ରେନ୍ ଓ ପୋଲାଣ୍ଡକୁ ୩ ଦିନିଆ ଗସ୍ତରେ ଯିବେ । ଏହି ସମୟରେ ଡକ୍ଟର ଜୟଶଙ୍କର ୟୁକ୍ରେନ୍‌ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଆନ୍ଦ୍ରି ସିବିହା ଏବଂ ପୋଲାଣ୍ଡର ଉପପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ରାଡୋଶଲା ସିକୋସ୍କିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଏହି ଗସ୍ତ ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ମଜବୁତ କରିବ । ଏଥିସହିତ ଆଞ୍ଚଳିକ ବିକାଶ ତଥା ପାରସ୍ପରିକ ସ୍ୱାର୍ଥଜଡ଼ିତ ବିଭିନ୍ନ ପ୍ରସଙ୍ଗ ଉପରେ ନେତାମାନେ କଥାବାର୍ତ୍ତା କରିବେ ।

## ୱାର୍କସପ୍

କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି ଯେ ସମନ୍ୱୟ ରକ୍ଷା କରି ସଂରକ୍ଷଣ ଏବଂ ମାନବ ପ୍ରକୃତିର ସହାବସ୍ଥାନ ହିଁ ପରିବେଶୀୟ ସଂରକ୍ଷଣର ମୂଳଦୁଆ ହେବା ଉଚିତ । ନୂଆଦିଲ୍ଲୀରେ 'ବାଘ ସଂରକ୍ଷଣ ଅଞ୍ଚଳ : ଜୀବିକା, ଜୈବ ଅର୍ଥନୀତି ଓ ପରିବେଶ ପର୍ଯ୍ୟଟନ' ଶୀର୍ଷକ ୨ ଦିନିଆ ଅନ୍ତର୍ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରି ଶ୍ରୀ ଯାଦବ ଏହି ମନ୍ତବ୍ୟ ଦେଇଛନ୍ତି । ଏହି ଅବସରରେ ସେ 'ପ୍ରୋଜେକ୍ଟ ଟାଇଗର' ଅଧୀନରେ ଭାରତର ସଂରକ୍ଷଣ କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଛନ୍ତି । ବାଘମାନେ ଜଙ୍ଗଲ, ଘାସପଡ଼ିଆ, ନଦୀ, ଶିକାର ପ୍ରଜାତି, ବନ୍ୟପ୍ରାଣୀ କରିଡର ଏବଂ ସ୍ଥାନୀୟ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ସହିତ ଓତପ୍ରୋତ ଭାବେ ଜଡ଼ିତ । ସେ କହିଛନ୍ତି

**V/O**

---

## ଇଡି-ସର୍ଚ

ବେଆଇନ ଜୁଆଖେଳ ପ୍ଲାଟଫର୍ମ ପାରିମ୍ୟାଚ୍ ଓ  ଅନ୍ୟ କେତୋଟି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ-ଇଡି ଆଜି ବିଭିନ୍ନ ରାଜ୍ୟର ୧୨ଟି ସ୍ଥାନରେ ଚଢ଼ାଉ କରିଛି । ଅର୍ଥ ହେରଫେର ନିରୋଧୀ ଆଇନ ଅଧୀନରେ ମହାରାଷ୍ଟ୍ରର ୫ଟି, ଜାତୀୟ ରାଜଧାନୀ ଦିଲ୍ଲୀ ଅଞ୍ଚଳର ୪ଟି, ରାଜସ୍ଥାନର ୨ଟି ଏବଂ ଗୁଜରାଟର ଗୋଟିଏ ସ୍ଥାନରେ ଏହି ଚଢ଼ଉ କରାଯାଇଛି । ଏହି ଚଢ଼ାଉ ବେଳେ କ୍ୟାସ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ଏଜେଣ୍ଟଙ୍କ ମାଧ୍ୟମରେ ବେଟିଂରୁ ମିଳିଥିବା ଅର୍ଥକୁ ନଗଦ ଟଙ୍କାରେ ରୂପାନ୍ତରିତ କରିଥିବା ପେମେଣ୍ଟ କମ୍ପାନୀ, ଚାର୍ଟାଡ ଆକାଉଣ୍ଟାଣ୍ଟ୍ ଏବଂ କମ୍ପାନୀ

ସେକ୍ରେଟାରୀମାନଙ୍କ କାର୍ଯ୍ୟାଳୟ ଓ ବାସଭବନ ସାମିଲ ରହିଛି । ସେମାନେ ବେଆଇନ ଭାବେ ଦେଶ ବାହାରକୁ ଅର୍ଥ ପ୍ରେରଣ କରୁଥିବା ଜଣାପଡ଼ିବା ପରେ ଇଡି ପକ୍ଷରୁ ଏହି ଚଢ଼ାଉ କରାଯାଇଛି ।

---

## ବ୍ୟାଡମିଣ୍ଟନ

ବ୍ୟାଡମିଣ୍ଟନରେ ଭାରତର କିଦାମ୍ବୀ ଶ୍ରୀକାନ୍ତ ଆଜି ଚାଇନା ଓପନ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ସେନ୍‌ଜେନ୍‌ଠାରେ ଅନୁଷ୍ଠିତ ପୁରୁଷ ସିଙ୍ଗିଲ୍‌ସ ପ୍ରାରମ୍ଭିକ ମ୍ୟାଚ୍‌ରେ ଶ୍ରୀକାନ୍ତ ଚାଇନିଜ୍ ତାଇପେଇର ଚି ୟୁ ଜେନ୍ ଙ୍କୁ ୨୧-୧୬. ୨୧-୧୫ରେ ପରାସ୍ତ କରିଛନ୍ତି । ଅନ୍ୟ ଏକ ପୁରୁଷ ସିଙ୍ଗିଲ୍‌ସ ମୁକାବିଲାରେ କାନାଡାର ଭିକ୍ଟର ଲାଇ ଙ୍କଠାରୁ ୧୪-୨୧, ୭-୨୧ରେ ହାରିଯିବା ପହର ଲକ୍ଷ୍ୟ ସେନ୍ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି । ଭାରତର ମିକ୍ସଡ ଡବଲ୍‌ସ ଯୋଡ଼ି ଧ୍ରୁବ କପିଲା ଏବଂ ତନିସା କ୍ରାଷ୍ଟୋ ମଧ୍ୟ ଥାଇଲ୍ୟାଣ୍ଡ୍ ଯୋଡ଼ିକୁ ୨୧-୮, ୨୧-୯ରେ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି ।

---